# ସଂସ୍କୃତି ବିହାର ଏକ ପବିତ୍ର କଳାତୀର୍ଥ

ରାଜେନ୍ଦ୍ର ପ୍ରସାଦ ସିଂହ

ମଞ୍ଚ ଉପରେ ଅଭିନୟ ଚାଲିଥାଏ । ଆକାଶରେ ପୂର୍ଣ୍ଣମୀ ଜହ୍ନ । ରାତ୍ରିର ଗଭୀର ନିର୍ଜନତା ମଧ୍ୟରେ ଗୃହ ଭିତରେ ସୀମିତ ଆଲୋକରେ ଶଙ୍କିତ ଚିତ୍ତରେ ପରସ୍ପରକୁ ଚାହିଁ ମୌନ ଭାବରେ ବସି ରହିଥିଲେ ପାଞ୍ଚଜଣ ପାଣ୍ଡବ ଭ୍ରାତା । ସଙ୍ଗରେ ମାତା କୁନ୍ତୀ । ଗୁପ୍ତ ସନ୍ଦେଶ ଦେଇଗଲେ ବିଶ୍ୱସ୍ତ ରାଜକର୍ମଚାରୀ । ମହାତ୍ମା ବିଦୁରଙ୍କର ଉପଦେଶ ମାନି ସୁଡ଼ଙ୍ଗ ଦେଇ ଶୀଘ୍ର ପଳାୟନ କରିବାକୁ ହେବ । ସମୟ ଆଉ ଅଳ୍ପ । ଶୁଭ୍ର ପୋଷାକ ପରିହିତ ପାଞ୍ଚଜଣ ରାଜଯୁବକ ଓ ମାତା କୁନ୍ତୀ ଗୃହଛାଡ଼ି ଗଡ଼ଖାଇ ଜଳରେ ସମସ୍ତେ ନୌକା ଉପରେ ବସି ଚାଲିଗଲେ । ପଛରେ ପ୍ରଚଣ୍ଡ ଅଗ୍ନିରେ ଜଳି ଉଠିଲା ଜତୁଗୃହ । ମଞ୍ଚ ମାୟାରେ ସମସ୍ତେ ଆଚ୍ଛନ୍ନ ହୋଇପଡ଼ିଲେ ।

ଏହା ହେଉଛି ମହାଭାରତର ସେଇ ଲୋମ ଉଦ୍ଦୀପକ ଦୃଶ୍ୟ ଯାହା ପ୍ରାୟ ୨୫ ବର୍ଷ ତଳେ ନଭେମ୍ବର ମାସର ଏକ ସନ୍ଧ୍ୟାରେ ବାରବାଟୀ ଦୁର୍ଗର ଗଡ଼ଖାଇ କୂଳର ବିରାଟପ୍ରେକ୍ଷାରେ ଗୀତିନାଟ୍ୟ "ଦ୍ରୌପଦୀ ସ୍ୱୟମ୍ବର" ମାଧ୍ୟମରେ ରୂପାୟିତ ହୋଇଥିଲା । ସୁପରିଚିତ ଅନୁଷ୍ଠାନ ସଂସ୍କୃତି ବିହାର, କାଳୀଗଳି କଟକର କଳାକାରମାନେ ସେହି ଦୃଶ୍ୟରେ ଏକ ପ୍ରାକୃତିକ ପରିବେଶରେ ଅଭିନୟ କରିଥିଲେ । ତାପରେ ସଂସ୍କୃତି ବିହାର ସହିତ ଜୀବନର ପଚିଶି ବର୍ଷର ଏକ ଦୀର୍ଘ ଯାତ୍ରା । କେତେ ଝଡ଼ଝଞ୍ଜା, ଘାତ, ପ୍ରତିଘାତ ମଧ୍ୟରେ ବେଳେ ବେଳେ ଅତୀତକୁ ଫେରିଯିବାକୁ ଇଚ୍ଛା ହୁଏ କିଛି ଅଭୁଲା ସ୍ମୃତିକୁ ସାଉଁଟିବା ପାଇଁ । ସଂସ୍କୃତି ବିହାର ଅନୁଷ୍ଠାନର ପ୍ରଥମ ପାହାଚରେ ପ୍ରଥମେ ପାଦ ଦେଇଥିଲି ପଚିଶି ବର୍ଷ ତଳେ "ଦ୍ରୌପଦୀ ସ୍ୱୟମ୍ବର" ଗୀତିନାଟ୍ୟର ରାଜା ଦ୍ରୁପଦ ଭୂମିକାରେ । ଯୌବନର ଉଦ୍ଦାମତା ଭିତରେ ସେଦିନ ହଜି ଯାଇଥିଲି ମହାଭାରତରେ ବର୍ଣ୍ଣିତ ଚରିତ୍ରମାନଙ୍କର ମାୟାରେ । ସଂସ୍କୃତି ବିହାର କଳାକାରମାନଙ୍କର ଅଭିନୟ ଚାତୁରୀ, ମଞ୍ଚ ଉପରେ ଅପୂର୍ବ ଆଲୋକ ସଜ୍ଜା, ମନଲୋଭା ସଙ୍ଗୀତ, ଛଦ୍ମବେଶୀ ଅର୍ଜୁନଙ୍କର ଲାଖ ବିନ୍ଧିବାର ଦୃଶ୍ୟ, ଜତୁଗୃହ ଜଳିବାର ଦୃଶ୍ୟ ଇତ୍ୟାଦି ମତେ ମୋହାଚ୍ଛନ୍ନ କରିଦେଇଥିଲା । ନାଟ୍ୟ ନିର୍ଦ୍ଦେଶକ ଗୁରୁ ଶ୍ରୀଯୁକ୍ତ ନାରାୟଣ ସିଂହ, ଅନୁଷ୍ଠାନର କର୍ମକର୍ତ୍ତା ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ର, ସରୋଜ ସିଂହ, ନିର୍ମଳକାନ୍ତି ସେନ୍, ବୈଷ୍ଣବ ଚରଣ ସାହୁ, ବିରେନ୍ ରାଉତରାଏଙ୍କର ନେପଥ୍ୟରେ ଅକ୍ଳାନ୍ତ ପରିଶ୍ରମ ଆମକୁ ନେଇ ଯାଇଥିଲା ସେଇ ମହାଭାରତ ଯୁଗକୁ ।

ସେଦିନର ସେଇ ଗୀତିନାଟ୍ୟ ପରିବେଷଣ ମୋ ଆଦ୍ୟ ଯୌବନର ସ୍ମୃତି ହୋଇ ମୋ ମନରେ ରହିଗଲା ସବୁଦିନ ପାଇଁ । ଆଉ ପଛକୁ ଫେରିନାହିଁ । ଜୀବନର ପୃଷ୍ଠା ପରେ ପୃଷ୍ଠା ଓଲଟାଇବା ମାତ୍ରେ ପ୍ରତିଭାତ ହେଉଛି ଅନେକ ଗୀତିନାଟ୍ୟର ଚିତ୍ର - ସମ୍ପୂର୍ଣ୍ଣ ରାମାୟଣ, ମେଘନାଦ ବଧ, କର୍ଣ୍ଣବଧ, ଦ୍ରୋଣାଚାର୍ଯ୍ୟ ବଧ, ଜଳନ୍ଧର ବଧ, ଶାମ୍ବବିଭା, ଚଣ୍ଡାଳ ଗଜପତି, ସର୍ପଯଜ୍ଞ, ମହିଷାସୁର ବଧ, କାର୍ତ୍ତବୀର୍ଯ୍ୟ ସଂହାର ଇତ୍ୟାଦି । ଏଥିରେ ମୋର ଚରିତ୍ରଗୁଡ଼ିକ ଥିଲା - ଯୁଧିଷ୍ଠିର, ଶ୍ରୀକୃଷ୍ଣ, ନାରଦ, ସହଦେବ, ଶୁକମୁନି, କପିଳ ମୁନି, ଋଷି ଯମଦଗ୍ନି ଇତ୍ୟାଦି।

ଜୀବନକୁ ଉପଭୋଗ କରିଥିଲି ସଂସ୍କୃତି ବିହାର ଅନୁଷ୍ଠାନରେ ରହି ଏଇ ଚରିତ୍ରମାନଙ୍କରେ ଅଭିନୟ କରି । ପାଇଥିଲି ଜୀବନ ଦର୍ଶନର କିଛି ଶିକ୍ଷା । ଶିଖିଲି ଶୃଙ୍ଖଳା, ସଂଯମତା, ମାନବିକତା । ଦେଖିଲି ବନ୍ଧୁତା ଓ ଭ୍ରାତୃସ୍ନେହର ଏକ କମନୀୟ ରୂପ । ଗୁରୁ ଶ୍ରୀ

ନାରାୟଣ ସିଂହ ଓ ପୂଜ୍ୟ ଚନ୍ଦ୍ରଶେଖର ମିଶ୍ରଙ୍କର ସେଇ ଅମୂଲ୍ୟ ଉପଦେଶ ଥିଲା ଗୀତିନାଟ୍ୟ ରିହର୍ସେଲ୍ ବେଳେ ନିରାମିଷ ଭୋଜନ କର । ଯେଉଁ ଚରିତ୍ରରେ ଅଭିନୟ କରୁଛ ନିଜକୁ ସେଇ ଚରିତ୍ରରେ ହଜାଇ ଦିଅ । ମଞ୍ଚ ଉପରେ ତୁମେ ସଫଳ ହେବ ।

ସେତେବେଳେ ମନକୁ ପ୍ରଶ୍ନ ଆସିଥିଲା ନାଟକରେ ଅଂଶ ଗ୍ରହଣ କରିବାକୁ ହେଲେ ଏ ପ୍ରକାର ଉପଦେଶର ଆବଶ୍ୟକତା କ'ଣ ? କିନ୍ତୁ ଜୀବନର ପରବର୍ତ୍ତୀ ସମୟରେ ଏକ ଅନୁଭୂତି ମୋ ମନର ଭ୍ରମକୁ ଦୂର କରି ଦେଇଥିଲା । ଶ୍ରୀ ଜଗନ୍ନାଥଙ୍କର ଲୀଳା ଉପରେ ଆଧାରିତ ଗୀତିନାଟ୍ୟ "ଚଣ୍ଡାଳ ଗଜପତି"ର ବହିଲେଖା ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ର ମହୋଦୟଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ନିର୍ଦ୍ଦେଶକଙ୍କର ଆଦେଶ ଥିଲା ମୋତେ ଯାଇ ଲେଖକଙ୍କର ଗୃହରେ ବସି ଏହି ବହିର ଲେଖାକୁ ସୁନ୍ଦର ଅକ୍ଷରରେ ଉତାରିବା ପାଇଁ ଓ ସ୍କ୍ରିପ୍ଟ ତିଆରି କରିବା ପାଇଁ। ତାଙ୍କର ଆଦେଶ ଅନୁସାରେ ସ୍କ୍ରିପ୍ଟ ଲେଖା ଚାଲିଥାଏ । ଆଉ ମାତ୍ର ଥାଏ ଶେଷ ଦୁଇଟି ଦୃଶ୍ୟ । କାଲି ଆସି ସମାପ୍ତ କରିବି ବୋଲି ଚନ୍ଦ୍ର ଭାଇନାଙ୍କୁ କହି ଘରକୁ ଆସିଲି । ତାପର ଦିନ ଥାଏ ଦୀପାବଳୀ । ବାଣର ନିଆଁରେ ମୋର ଡାହାଣ ହାତ ପୋଡ଼ି ଯାଇ ଯନ୍ତ୍ରଣା ପାଇଲି । ତହିଁ ପର ଦିନ ଲେଖକଙ୍କର ଗୃହକୁ ଯାଇ ଲେଖିବା ପାଇଁ ନିଜର ଅକ୍ଷମତା ପ୍ରକାଶ କଲି ଏବଂ ନିଜର ଦୁଃଖ ଜଣାଇଲି । ପୂଜ୍ୟ ବଡ଼ଭାଇ ଚନ୍ଦ୍ର ଶେଖର ମିଶ୍ର ପ୍ରଶ୍ନ କଲେ "କ'ଣ ଆମିଷ ଭୋଜନ କରିଥିଲ କି ?" ମୁଣ୍ଡ ପାତି ହଁ କହିଲି । ଦୁଃଖ କରି ସେ କହିଲେ, ଶ୍ରୀଜଗନ୍ନାଥଙ୍କର ଲୀଳାକୁ ଯେତେବେଳେ ଲେଖୁଛ, ଶ୍ରବଣ କରୁଛ, ନାଟକ ମାଧ୍ୟମରେ ମଞ୍ଚସ୍ଥ କରିବାକୁ ଯାଉଛ, ସେତେବେଳେ ଆମିଷ ଭୋଜନ କରିବା ଅନୁଚିତ । ପ୍ରଭୁଙ୍କ ପାଖରେ ନିଷ୍ଠାର ସହିତ ସାତ୍ତ୍ୱିକ ମନୋଭାବ ନେଇ ଆତ୍ମସମର୍ପଣ କଲେ ଯାଇ ସୁଫଳ ମିଳେ । ତାଙ୍କର ସେଇ ଉପଦେଶ ମୋ ମନକୁ ଛୁଇଁ ଥିଲା । ସେହି ଅନୁଭୂତିରୁ ମୁଁ ମୋର ଭୁଲ ଜାଣିପାରିଥିଲି । ପରେ ସେଇ ଅନୁଭୂତିରୁ ମୁଁ ମୋ ନିଜ ଜୀବନକୁ ସଜାଡ଼ି ନେଇଥିଲି । ତା'ପରଠାରୁ ପ୍ରଭୁଙ୍କର ପାଖରେ ଆଶ୍ରିତ ହୋଇ ମୋ ଜୀବନକୁ ଶୁଦ୍ଧ, ପରିଚ୍ଛନ୍ନ ଓ ପରିମାର୍ଜିତ କରିବାକୁ ମୁଁ ଚେଷ୍ଟା କରିଆସୁଛି ।

ସଂସ୍କୃତିବିହାର ଆଜି ପଚାଶ ବର୍ଷରେ ପଦାର୍ପଣ କରିଛି । ଅନେକ ଭାଇ କାଳର କରାଳ ଗର୍ଭରେ ହଜିଗଲେଣି । ଦିନ ଥିଲା, ସେମାନେ ମୁହଁରେ ରଙ୍ଗ ମାଖି ବାଦ୍ୟର ତାଳେ ତାଳେ ଗୀତ ଗାଇ ସଂଳାପ କହି ମୋ ସାଙ୍ଗରେ ମଞ୍ଚ ଉପରେ ଅଭିନୟ କରୁଥିଲେ । ଆଜି ସେମାନେ ସେପାରିରେ । ସେମାନେ ସମସ୍ତେ ଜଣେ ଜଣେ ଅତ୍ୟନ୍ତ ଉଚ୍ଚକୋଟୀର କଳାକାର ଓ ମଣିଷ ଥିଲେ । ସେମାନଙ୍କର ଅବର୍ତ୍ତମାନରେ ମୁଁ ଆଜି ସଂସ୍କୃତି ବିହାରର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସେମାନଙ୍କୁ ମନେ ପକାଉଛି ଓ ସେମାନଙ୍କର ପାଦପଦ୍ମରେ ମୋର ବିନମ୍ର ପ୍ରଣାମ ଜଣାଉଛି ।

ସୁପରିଚିତ ଅନୁଷ୍ଠାନ ସଂସ୍କୃତି ବିହାର ମୋ ପାଇଁ ଏକ ପବିତ୍ର କଳାତୀର୍ଥ । ଏଠି କଳାର ପୂଜାର୍ଚ୍ଚନା କରାଯାଏ । ମୋ ପ୍ରାଣପ୍ରିୟ ସଂସ୍କୃତି ବିହାର ଅନୁଷ୍ଠାନର ଚରଣ ତଳେ କୋଟି କୋଟି ଦଣ୍ଡବତ । ଆମେ ପଛେ ହଜିଯିବୁ କିନ୍ତୁ ସଂସ୍କୃତି ବିହାର ଚିରଞ୍ଜିବୀ ହୋଇ ରହିଥାଉ ।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ - ୭୫୩୦୦୮*